# କେମିତି କରି ପାରିଲ ଜୀବନକୁ ପଥରଟିଏ[୧]

ତମେ କେମିତି
କରି ପାରିଲ
ଜୀବନକୁ
ପଥରଟିଏ?

ମୋର ଦୋଷ କ'ଣ
କହିଲ,
ଦେଖ ଫୁଲର ଶେଯରେ
ଛିଣ୍ଡି ପଡ଼ିଛି
ସମୟର ଛଦ୍ମବେଶ ।।

ମୁଁ କେମିତି ବୁଝି ପାରିଥାନ୍ତି
ଅଜଣା ପାପର
କ୍ଷୁଧିତ ନଖ ସବୁ
ମୋ ଦେହରେ ଆତ୍ମାରେ
ସଂଚରି ଯାଉଛନ୍ତି,
ମୋର ହୋଇ
ମୋ ଭିତରେ ଜମାଟ ବାନ୍ଧୁଛି
ଏକ ପାଶବିକ ଇଚ୍ଛା ॥

ସେ ସ୍ପର୍ଶ
ସେ ସ୍ପନ୍ଦନ
ସେ ଥର ଥର ସ୍ୱପ୍ନର ଓଠ
ଏବଂ ମନର ଅବୁଝା ମମତା
ବୁଝି ପାରିଲାନି
କ୍ଷୁଧାର ଶ୍ମଶାନରେ
ଜଳି   ଜଳି
ଲିଭି ଗଲାଣି
ସତୀତ୍ୱର ଚିତା
ତପୋବନ
ଚାରିଆଡେ ବିଛାଡ଼ି ପଡ଼ିଛି
ମରଣର
ଚପ୍‌ପା ଚପ୍‌ପା ନିରବତା ।।

---

[୧] ତୀରତରଙ୍ଗ – ଏପ୍ରିଲ୍ ଜୁନ୍ – ୧୯୯୯

ଏ ହାତରେ
ରକ୍ତ ଛାଡ଼ିନି ଗଲା ରାତିର
ଏବେ ବି
ମୋ ଦେହ ସାରା
ତମେ ଦେଖିପାର
ସମୟ ହିଁ ସବୁଠୁ ହିଂସ୍ର
ସବୁଠୁ ବିଭତ୍ସ
କ୍ଷତ ବିକ୍ଷତ
ମୋ ମମତାର ପଣତ
ଲହୁ ଲୁହାଣ
ମୋ ମଥାର ସିନ୍ଦୁର ।।

ତମେ ଯୋଉ ମରଣଟିଏ ଦେଲ
ମରି ହେଲା ନାହିଁ
ଯୋଉ ଅଭିଶାପଟିଏ ଦେଲ
ମୁଁ ନିଜେ
ଧୋଇ ବି ପାରୁନି ।। ମୋର
ଦୋଷକ'ଣ
ଆଜି ବି ବୁଝି ପାରି ନାହିଁ ।।

ପାରିବ ତ ଇତିହାସର
ଦେହ ଟିକେ ଛୁଅଁ
ବୁଝି ପାରିବ
ପାଷାଣୀର ଛାତି ବି
କରେ ଦକ ଦକ
ମମତାର ଆଖିରୁ
କେବେ
ଶୁଖିଯାଏନି ଲୁହ
ପଥର ବି ରୋକି ପାରେନି
ସିନ୍ଦୁରର କୋହ ।।

ସେଥିରେ
ମୋର କି ଦୋଷ
ଯେ ତମେ ଜୀବନଟିକୁ
ପଥରଟିଏ କଲ??